ପ୍ରେସ୍ ନୋଟ୍

# ଜାତୀୟ ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ବାହାରିଲା ସଚେତନତା ରଥ ।

ଅନୁଗୋଳ, ତା. ୧୮.୦୧:- ରାସ୍ତା ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ରାସ୍ତା ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ନିମନ୍ତେ ଆଜି ଠାରୁ ଆସନ୍ତା ମାସ ୧୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ମାସ ପାଳନ କରାଯାଉଅଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ବାହାରିଥିବା ୨ଟି ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷର ବାର୍ତ୍ତା " ସଡକ ସୁରକ୍ଷା -ଜୀବନ ରକ୍ଷା " ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ଏହି ରଥ ୨ଟି ସଚେତନତା ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ ଏକ ମାସ ଧରି ଅନୁଷ୍ଠିତ କରାଯିବ । ଏହି ସମୟ ମଧ୍ୟରେ ଯାନବାହନ ଗୁଡିକର କଡାକଡି ଯାଂଚ କରିବା ସହ ଗାଡି ଚାଳକ ଓ ହେଲପରମାନଙ୍କର ଚକ୍ଷୁ ପରିକ୍ଷା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯିବ । ପୋଲିସ ଓ ଆଂଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀଙ୍କ ମିଳିତ ସହଯୋଗରେ ମଦ୍ୟପାନ କରି ବେପରୁଆ ଗାଡିଚାଳନା, ଅତ୍ୟଧିକ ମାଲ ପରିବହନ, ମୋଟରସାଇକେଲରେ ୩ ଜଣ ଯାତ୍ରା କରିବା, ହେଲମେଟ ନ ପିନ୍ଧିବା ଆଦି ବିଭିନ୍ନ ଯାଂଚ କାର୍ଯ୍ୟକ୍ରମ କରାଯିବ । ଗୁଡ୍ ସମାରିଟାନ ପଲିସି ଅନୁସାରେ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଂଚାଇଲେ ପହଂଚାଇଥିବା ବ୍ୟକ୍ତିଙ୍କୁ ଦୁଇ ହଜାର ଟଂକା ପୁରସ୍କାର ରାଶି ପ୍ରଦାନ କରାଯିବ । ଅଜଣା ଗାଡି ଧକ୍କାରେ ଗୁରୁତ୍ୱର ଆହତଙ୍କୁ ସରକାରଂକ ସୋଲାଟିୟମ ଫଣ୍ଡରୁ ୫୦ ହଜାର ଟଂକା ଓ ମୃତ୍ୟୁ କ୍ଷେତ୍ରରେ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଂକାର ଅନୁଦାନ ପ୍ରଦାନ କରାଯିବ ବୋଲି ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଭାଭଞ୍ଜନ ସାମନ୍ତସିଂହାର ସୂଚନା ଦେଇଛନ୍ତି । ଜିଲ୍ଲା ସଡକ ସୁରକ୍ଷା ସମିତି,ଅନୁଗୋଳ ଓ ତାଳଚେର ଆଂଚଳିକ ପରିବହନ କାର୍ଯ୍ୟାଳୟ, ଉଭୟ ସମ୍ୱଲପୁର ଓ ଢେଂକାନାଳ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ବସ୍ ଓ ଟ୍ରକ୍ ମାଲିକ ସଂଘର ମିଳିତ ସହଯୋଗରେ କାର୍ଯ୍ୟକ୍ରମଗୁଡିକ ଅନୁଷ୍ଠିତ ହେବ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ , ଏମ୍ ଭି ଆଇ ଶ୍ରୀ ମାନସ ମିଶ୍ର, ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିନୟ କୁମାର ପାଳ,ବସ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା,ସ୍ୱେଚ୍ଛାସେବୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।


ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୧
ସଚେତନତା ରଥ
OR-19-K-1068